ଦେଶରାଜ୍

ବନାମ

ଅଖତାର୍ ହୁସେନ୍

1960

ସେପ୍ଟେମ୍ବର 12

(ପ୍ରଧାନ ନ୍ୟାୟାଧୀଶ ବି. ପି. ସିହ୍ନା, ଜେ. ଏଲ. କପୁର, ପି. ବି. ଗଜେନ୍ଦ୍ରଗଡ଼କର, କେ. ସୁବା ରାଓ ଏବଂ କେ. ଏନ. ୱାଞ୍ଚୁ, ନ୍ୟାୟମୂର୍ତ୍ତିବୃନ୍ଦ)

*ଭଡ଼ା ନିର୍ଦ୍ଧାରଣ – ଉପଯୁକ୍ତ ସୂଚନା ଦେବା ପରେ ଅଧାଦେଶ ଅଧୀନରେ ମକଦ୍ଦମା ଦାଖଲ - ଅଧିନିୟମ ଦ୍ୱାରା ଅଧାଦେଶର ପ୍ରତିସ୍ଥାପନ - ଅର୍ଜି ଫେରାଇ ଦିଆଯାଇଛି - ନୂତନ ମକଦ୍ଦମା ଦାଖଲ - ନୂତନ ସୂଚନା ଆବଶ୍ୟକ କି ନାହିଁ- ଗ୍ୱାଲିୟର, ଇନ୍ଦୋର ଏବଂ ମାଲୱା ସଂଯୁକ୍ତ ରାଜ୍ୟ (ମଧ ଭାରତ) ଆବାସ ନିୟନ୍ତ୍ରଣ ଅଧିନିୟମ, ସମ୍ବାତ 2006 (1950 ର ଏମ. ବି. 15), ଧାରା 7 (2) ।*

ଆବେଦନକାରୀ, ପ୍ରତିବାଦୀଙ୍କୁ ଉପଯୁକ୍ତ ସୂଚନା ଦେବା ପରେ, ମଧଭାରତ ଆବାସ ନିୟନ୍ତ୍ରଣ ଅଧାଦେଶ ବ୍ୟବସ୍ଥା ଅନୁଯାୟୀ ଭଡ଼ା ସ୍ଥିର କରିବା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ । ଇତି ମଧରେ ଆବାସ ନିୟନ୍ତ୍ରଣ ଅଧିନିୟମ (1950 ର ଏମ. ପି. 15) କାର୍ଯ୍ୟକାରୀ ହେଲା ଏବଂ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅର୍ଜି ଫେରସ୍ତ କରାଯାଇଥିଲା । ଆବେଦନକାରୀ, ଦ୍ୱିତୀୟ ସୂଚନା ନ ଦେଇ, ଏହି ଅଧିନିୟମ ଅନୁଯାୟୀ ଏକ ନୂତନ ମକଦ୍ଦମା ଦାୟର କରିଥିଲେ, ଯାହା ଦ୍ୱାରା ଆଦେଶ ଫଏସଲା ହୋଇଥିଲା ।

ପ୍ରତିବାଦୀ ଯୁକ୍ତି ଦର୍ଶାଇଥିଲେ ଯେ ଉକ୍ତ ଅଧିନିୟମର ଧାରା 7 (2) କାରଣରୁ ନୂତନ ସୂଚନା ବିନା ଏହି ଅଧିନିୟମ ଅଧୀନରେ ମକଦ୍ଦମା ଦାୟର କରାଯାଇପାରିବ ନାହିଁ ।

ଏହା ବିଚାର କରାଯାଇଥିଲା ଯେ, ଆବାସ ନିୟନ୍ତ୍ରଣ ଅଧିନିୟମ (1950 ର ଏମ୍. ପି. 15) ର ଧାରା 7 (2) ରେ ବିଚାର କରାଯାଇଛି ଯେ ଏକ ସୂଚନା ଦିଆଯିବା ଉଚିତ୍, କିନ୍ତୁ ଏହି ଧାରାରେ ଏପରି କୌଣସି ଶବ୍ଦ ନାହିଁ ଯାହା ଏହା ବାଧତାମୂଳକ କରିଥିଲା ଯେ ସୂଚନା ଏହି ଅଧିନିୟମର ସର୍ତ୍ତ ଅନୁଯାୟୀ ଜାରି କରାଯିବା ଉଚିତ୍ ଏବଂ ଅଧିନିୟମ କାର୍ଯ୍ୟକାରୀ ହେବା ପରେ ଦିଆଯିବା ଉଚିତ୍ । ଏହି ସାନି ମାମଲାରେ, ଏହା କୁହାଯାଇପାରିବ ନାହିଁ ଯେ ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଏକ ଉପଯୁକ୍ତ ସୂଚନା ନୁହେଁ ।

*ଦେଶରାଜ୍*
*ବନାମ*
*ଅଖତାର୍ ହୁସେନ୍*
*ନ୍ୟାୟମୂର୍ତ୍ତି କପୁର*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 24/1956 ।

ଦେୱାନୀ ପୁନରୀକ୍ଷଣ ସଂଖ୍ୟା 183/1952 ରେ ପୂର୍ବତନ ମଧ୍ୟଭାରତ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 31 ମାର୍ଚ୍ଚ, 1954 ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଆବେଦନ ।

ଆବେଦନକାରୀଙ୍କ ତରଫରୁ *ଆଇ. ଏମ୍. ଲାଲ୍* ଏବଂ *ଏ. ଜି. ରତ୍ନପାର୍ଖି* ।

ପ୍ରତିବାଦୀଙ୍କ ତରଫରୁ *ରାମେଶ୍ୱର ନାଥ* ଏବଂ *ଏସ୍. ଏନ୍. ଆଣ୍ଡଲେ* ।

1960. ସେପ୍ଟେମ୍ବର 12. ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

*ନ୍ୟାୟମୂର୍ତ୍ତି କପୁର*

ନ୍ୟାୟମୂର୍ତ୍ତି କପୁର - ଏହା ଗ୍ୱାଲିୟର ସ୍ଥିତ ମଧ୍ୟଭାରତ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶ ବିରୁଦ୍ଧରେ ଏକ ଆବେଦନ ଏବଂ ଆବାସ ନିୟନ୍ତ୍ରଣ ଅଧିନିୟମ (1950 ର XV), ଯାହାକୁ ସଂକ୍ଷିପ୍ତତା ଉଦ୍ଦେଶ୍ୟରେ 'ଅଧିନିୟମ' କୁହାଯିବ, ତାହା ଅନୁଯାୟୀ ଜଣେ ଜମି ମାଲିକ ଏବଂ ତାଙ୍କ ଭଡ଼ାଟିଆଙ୍କ ମଧ୍ୟରେ ଘଟିଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକରୁ ଏହି ଆବେଦନଟି ଉତ୍ପନ୍ନ ହୋଇଅଛି ।

1948 ମସିହା ମାର୍ଚ୍ଚ 14 ତାରିଖରେ, ଆବେଦନକାରୀ ମୋରାରରେ ଥିବା ଦୁଇଟି ଘରକୁ ପ୍ରତିବାଦୀଙ୍କ ଠାରୁ ଭଡ଼ାରେ ନେଇଥିଲେ ଯାହାର ମାସିକ ଭଡ଼ା 80 ଟଙ୍କା ଏବଂ ଅନ୍ୟାନ୍ୟ ଦେୟ ମାସିକ 5 ଟଙ୍କା ଥିଲା ।

ଆବାସ ନିୟନ୍ତ୍ରଣ ଅଧ୍ୟାଦେଶ (2004 ର ଅଧ୍ୟାଦେଶ XX) ର ବ୍ୟବସ୍ଥା ଅନୁଯାୟୀ ଭଡ଼ା ସ୍ଥିର କରିବା ପାଇଁ ଆବେଦନକାରୀ 1948 ମସିହା ଅକ୍ଟୋବର 20 ତାରିଖରେ ମୋରାରର କ୍ୟାଣ୍ଟନମେଣ୍ଟ ମାଜିଷ୍ଟ୍ରେଟଙ୍କ ନ୍ୟାୟାଳୟରେ ଏକ ମକଦ୍ଦମା ଦାୟର କରିଥିଲେ । ଏହି ଅଧିନିୟମ 1950 ମସିହା ଜାନୁଆରୀ 25 ତାରିଖରେ ପାରିତ ହୋଇଥିଲା ଏବଂ 1950 ମସିହା ଫେବୃଆରୀ 10 ତାରିଖରେ କାର୍ଯ୍ୟକାରୀ ହୋଇଥିଲା । ଏହି ଅଧିନିୟମ ପାରିତ ହେବା କାରଣରୁ, ନ୍ୟାୟିକ ଅଧିକାରିତାର ଅଭାବ ହେତୁ, 1950 ମସିହା ମାର୍ଚ୍ଚ 20 ତାରିଖରେ ଏହି ଅର୍ଜିକୁ ଫେରାଇ ଦିଆଯାଇଥିଲା । ଏହାପରେ 1950 ମସିହା ଏପ୍ରିଲ 28 ତାରିଖରେ, ଆବେଦନକାରୀ ଭଡ଼ା ନିୟନ୍ତ୍ରକଙ୍କ ସମ୍ମୁଖରେ ମକଦ୍ଦମା ଦାୟର କରିଥିଲେ, ଯେଉଁଥିରୁ ଏହି ମକଦ୍ଦମାଟି ଆସିଅଛି । ଏହି ମକଦ୍ଦମାରେ ସେ ମାସିକ 20 ଟଙ୍କା ଦରରେ ଉଚିତ ଭଡ଼ା ସ୍ଥିର କରିବା ପାଇଁ ପ୍ରାର୍ଥନା କରିଥିଲେ । ପ୍ରତିବାଦୀ, ଅନ୍ୟାନ୍ୟ ମଧ୍ୟରେ, ନିବେଦନ କରିଥିଲେ ଯେ ଭଡ଼ା ନିୟନ୍ତ୍ରକଙ୍କ ସମ୍ମୁଖରେ ଏହି

ମକଦ୍ଦମା ଆରମ୍ଭ କରାଯାଇପାରିବ ନାହିଁ ଏବଂ ଅଧିନିୟମର ଧାରା 7 (2) ଅନୁଯାୟୀ କୌଣସି ସୂଚନା ଦିଆଯାଇ ନ ଥିବାରୁ ଏହି ମକଦ୍ଦମାର ନିପୁଣତା ନଥିଲା ।

ପ୍ରତିବାଦୀଙ୍କ ଉଭୟ ଆଳକୁ ନାକଚ କରାଯାଇଥିଲା ଏବଂ ଭଡ଼ା ନିୟନ୍ତ୍ରକ ରାୟ ଦେଇଥିଲେ ଯେ ପ୍ରଥମ ମକଦ୍ଦମା ଆରମ୍ଭ ହେବା ପୂର୍ବରୁ ଆବେଦନକାରୀ ଦେଇଥିବା ସୂଚନା ଏକ ଉପଯୁକ୍ତ ସୂଚନା ଥିଲା ଏବଂ ସେ ମକଦ୍ଦମାର ଫଏସଲା କରିଥିଲେ ଏବଂ ବାର୍ଷିକ 483 ଟଙ୍କା ଉଚିତ ଭଡ଼ା ସ୍ଥିର କରିଥିଲେ । ପ୍ରତିବାଦୀ ଜିଲ୍ଲା ନ୍ୟାୟାଧୀଶଙ୍କ ନିକଟରେ ଏକ ଆବେଦନ କରିଥିଲେ ଯିଏକି ଭଡ଼ା ନିୟନ୍ତ୍ରକଙ୍କ ଆଦେଶ କାଏମ ରଖିଥିଲେ କିନ୍ତୁ ଧାରା 7 ଅନୁଯାୟୀ ନୋଟିସର ପ୍ରଶ୍ନ ସେହି ନ୍ୟାୟାଳୟରେ ଉଠାଯାଇ ନଥିଲା । ଏହାପରେ ପ୍ରତିବାଦୀ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ଏବଂ ସମ୍ବିଧାନର ଅନୁଚ୍ଛେଦ 227 ଅନୁଯାୟୀ ଉଚ୍ଚ ନ୍ୟାୟାଳୟରେ ଏକ ପୁନରୀକ୍ଷଣ ପାଇଁ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ବିଚାର କରିଥିଲେ ଯେ ଧାରା 7 ଅନୁଯାୟୀ ସୂଚନା ମକଦ୍ଦମା ଆରମ୍ଭର ଏକ ପୂର୍ବ ଦୃଷ୍ଟାନ୍ତ ସର୍ତ୍ତ ଥିଲା; ଯେହେତୁ ଏପରି କୌଣସି ସୂଚନା ଦିଆଯାଇ ନଥିଲା, ଭଡ଼ା ନିୟନ୍ତ୍ରକଙ୍କ ଆଦେଶ ଦେବା ପାଇଁ କୌଣସି ଅଧିକାରିତା ନଥିଲା । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ବିଚାର କରିଥିଲେ ଯେ ଭଡ଼ା ନିୟନ୍ତ୍ରକ ଏକ ଫଏସଲା ପାରିତ କରିଥିଲେ ଯାହା ପଟ୍ଟା ବିଲେଖ ଜାରି ହେବା ତାରିଖ ଠାରୁ ପିଛିଲା ପ୍ରଭାବ ପକାଇ କାର୍ଯ୍ୟକାରୀ ହୋଇଥିଲା, ଯାହାର ଫଏସଲା ଦେବାର କୌଣସି ଅଧିକାର ନିୟନ୍ତ୍ରକଙ୍କ ନଥିଲା । ଏହା ମଧ୍ୟ ବିଚାର କରାଯାଇଥିଲା ଯେ ମୂଳ ମକଦ୍ଦମାଟି ଦେୱାନୀ ନ୍ୟାୟାଳୟରେ ସଠିକ୍ ଭାବରେ ଆରମ୍ଭ ହୋଇଥିଲା ଏବଂ ଏହି ଅଧିନିୟମ ପାରିତ ହେବା ଦ୍ୱାରା ସେହି ନ୍ୟାୟାଳୟଙ୍କ ଅଧିକାରିତା କ୍ଷେତ୍ର ଛଡ଼ାଇ ନିଆଯାଇନଥିଲା ଏବଂ ସେହି କାରଣରୁ ଦେୱାନୀ ନ୍ୟାୟାଳୟ ଆବେଦନକାରୀଙ୍କ ଅର୍ଜିକୁ ଫେରସ୍ତ କରିବା ଉଚିତ୍ ନଥିଲା ।

ବିଚାର କରିବା ପାଇଁ ମୁଖ୍ୟ ପ୍ରଶ୍ନ ହେଉଛି ଯେ ଏହି ଅଧିନିୟମର ଧାରା 7 (2) କାରଣରୁ ନୂତନ ସୂଚନା ବିନା ଏକ ମକଦ୍ଦମା ଆରମ୍ଭ କରାଯାଇପାରିବ କି ? ସେହି ଧାରା କହିଅଛି:

"ଯଦି ଏପରି କୌଣସି ଆବାସ ପାଇଁ କୌଣସି ଭଡ଼ା ଉପରେ ସହମତି ହୋଇନଥାଏ କିମ୍ବା ଯେଉଁଠାରେ ଜମି ମାଲିକ ବୃଦ୍ଧି କରିବାକୁ ଚାହାଁନ୍ତି, କିମ୍ବା ଭଡ଼ାଟିଆ ରାଜି ହୋଇଥିବା ଭଡ଼ା ହ୍ରାସ କରିବାକୁ ଚାହାଁନ୍ତି, ଜମି ମାଲିକ କିମ୍ବା ଭଡ଼ାଟିଆ, ପରିସ୍ଥିତି ଅନୁସାରେ, ଲିଖିତ ସୂଚନା ଦେଇ ଉପଧାରା (4) ଅନୁଯାୟୀ ଭଡ଼ା ସ୍ଥିର କରିବା ପାଇଁ ଅଗ୍ରସର ହେବେ" ।

ଏହି ଧାରା କେବଳ ଯାହା ବିଚାର କରେ ତାହା ହେଉଛି ଯେ ଏକ ସୂଚନା ଦିଆଯିବା ଉଚିତ୍ । ଏପରି କୌଣସି ଶବ୍ଦ ନାହିଁ ଯାହା ବାଧ୍ୟତାମୂଳକ କରେ ଯେ ସୂଚନା ଅଧିନିୟମ ଅନୁଯାୟୀ ଜାରି କରାଯିବା ଉଚିତ ଏବଂ ଅଧିନିୟମ କାର୍ଯ୍ୟକାରୀ ହେବା ପରେ ଦିଆଯିବା ଉଚିତ୍ କିମ୍ବା ଏହା କୌଣସି ନିର୍ଦ୍ଦିଷ୍ଟ ପରିଦୃଷ୍ଟ ଅବସ୍ଥା ନିର୍ଦ୍ଧାରିତ କରିନାହିଁ । ବିଚାରଣ ନ୍ୟାୟାଳୟ ବିଚାର କରିଥିଲେ ଯେ ଏକ ଉପଯୁକ୍ତ ସୂଚନା ଦିଆଯାଇଥିଲା ଏବଂ ସେହି କାରଣରୁ ଧାରା 7 ଲାଗୁ ହେଲା । ଜିଲ୍ଲା ନ୍ୟାୟାଧୀଶଙ୍କ ସମ୍ମୁଖରେ ହୋଇଥିବା ଆବେଦନରେ ଏପରି କୌଣସି ପ୍ରଶ୍ନ ଉଠାଯାଇ ନଥିଲା ଏବଂ ତେଣୁ ଏହା ଉପରେ ବିଚାର କରାଯାଇ ନଥିଲା । ତେବେ ଏହି ପ୍ରଶ୍ନ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉଠିଥିଲା । ଆମ୍ଭ ମତରେ, ଏହା କୁହାଯାଇପାରିବ ନାହିଁ ଯେ ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଏକ ଉପଯୁକ୍ତ ସୂଚନା ନଥିଲା କିମ୍ବା ପ୍ରତିବାଦୀଙ୍କ ଯୁକ୍ତି ଅନୁଯାୟୀ ଏହି ଧାରାର ଅର୍ଥ ନୁହେଁ ଯେ ଏହି ସୂଚନା ଅଧିନିୟମ ଅନୁଯାୟୀ ଏବଂ ତାହା କାର୍ଯ୍ୟକାରୀ ହେଲା ପରେ ଦେବାକୁ ପଡ଼ିବ । ଯେପରି ଆମ୍ଭେ ଉପରେ କହିଅଛୁ, ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହି ପ୍ରସଙ୍ଗକୁ ଜିଲ୍ଲା ନ୍ୟାୟାଧୀଶଙ୍କ ସମ୍ମୁଖରେ କେବେ ଉଠାଯାଇ ନଥିଲା ।

ଶେଷରେ, ଉଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଅର୍ଜିଟି ଦେୱାନୀ ନ୍ୟାୟାଳୟଙ୍କ ଦ୍ୱାରା ଫେରସ୍ତ କରାଯିବାର ନଥିଲା କାରଣ, ଉଚିତ ଭଡ଼ା ନିର୍ଦ୍ଧାରଣ ପାଇଁ ମକଦ୍ଦମା ମଧ୍ୟ ଅଧିନିୟମର ପୂର୍ବ ଅବଧି ସହିତ ଜଡିତ ଥିଲା ।  ଭଡ଼ା ନିୟନ୍ତ୍ରକଙ୍କ ଯଥାର୍ଥ ଭାବରେ ବ୍ୟାଖ୍ୟା କରାଯାଇଥିବା ଆଦେଶ ପଟ୍ଟା ବିଲେଖ ଆରମ୍ଭ ହେବାର ତାରିଖ ଠାରୁ ପିଛିଲା ଭାବରେ କାର୍ଯ୍ୟ କରେ ନାହିଁ ବରଂ ଭବିଷ୍ୟତରେ କାର୍ଯ୍ୟକାରୀ ହେବ ବୋଲି ଆମ୍ଭେ ମନେ କରୁଛୁ ଏବଂ ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପରେ, ଅଧିକାରିତା କ୍ଷେତ୍ର ଭଡ଼ା ନିୟନ୍ତ୍ରକଙ୍କ ଉପରେ ନ୍ୟସ୍ତ ହୋଇଥିଲା, ଦେୱାନୀ ନ୍ୟାୟାଳୟରେ ନୁହେଁ । ତେଣୁ ଏହି ପ୍ରସଙ୍ଗରେ କୌଣସି ସାର ନାହିଁ ।

ଫଳସ୍ୱରୂପ, ଏହି ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆ ଯାଇଥିବା ରାୟ ଏବଂ ଆଦେଶ ରଦ୍ଦ କରାଯାଇଛି ଏବଂ ବିଚାରଣ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶକୁ ପୁନଃସ୍ଥାପିତ କରାଯାଇଛି । ଆବେଦନକାରୀ ତାଙ୍କ ସମସ୍ତ ଖର୍ଚ୍ଚ ନିଜେ ବହନ କରିବେ ।

ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।